# ଏମ୍. ପି. ରାଜ୍ୟ ଏବଂ ଅନ୍ୟମାନେ

# ବନାମ

# ସଦାଶିବ ଜମିଦାର

# ଏପ୍ରିଲ 18, 1996

# [କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ପଦୋନ୍ନତି - ଉଚ୍ଚ ପ୍ରାଥମିକ ଶିକ୍ଷକ, ଅଧ୍ୟାପକ ମାନ୍ୟତା ଦାବି କରିବା - ଅନୁରୋଧ ସ୍ୱୀକୃତ - କିନ୍ତୁ "କାର୍ଯ୍ୟ ନାହିଁ ତ ଦରମା ନାହିଁ" ନୀତି ଆଧାରରେ ସେ ଉଚ୍ଚତର ବେତନ ହାରରେ ଦରମା ପାଇବାକୁ ହକଦାର ନୁହଁନ୍ତି ବୋଲି ନିଷ୍ପତ୍ତି ନିଆଗଲା - କର୍ମଚାରୀ ଅବସର ପରେ ବକେୟା ଦାବି କରି ଆଜ୍ଞାଦେଶ ଆବେଦନ ଦାୟର କରିବା - ଆଜ୍ଞାଦେଶ ଆବେଦନ ଖାରଜ ହେବା - ପୁନର୍ବିଚାର ମଞ୍ଜୁର ହେଲା - ଅପିଲରେ ନିର୍ଣ୍ଣୟ କରାଗଲା ଯେ: ନ୍ୟାୟାଧିକରଣ ଏହି ମାମଲାର ନୂତନ ଭାବେ ବିଚାର କରିବେ, ଯେହେତୁ କର୍ମଚାରୀ ବକେୟା ଦରମା ପାଇବାକୁ ହକଦାର କି ନୁହନ୍ତି ସେ ସମ୍ବନ୍ଧୀୟ ପ୍ରଶ୍ନ ଉପରେ ରାଜ୍ୟକୁ ସୁଯୋଗ ନଦେଇ ଗୁଣବତ୍ତା ଭିତ୍ତିରେ ବିଚାର କରାଯାଇନଥିଲା - ନ୍ୟାୟାଧିକରଣଙ୍କୁ ଛଅ ମାସ ମଧ୍ୟରେ ଗୁଣବତ୍ତା ଭିତ୍ତିରେ ମାମଲାର ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଗଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 7845/1996 ।

ଏମ୍.ଏ. ସଂଖ୍ୟା 7/1992 ରେ ଇନ୍ଦୋରସ୍ଥିତ ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ 7.5.93 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀମାନଙ୍କ ପକ୍ଷରୁ ଜି.ସି. ଗୁପ୍ତା, ସାକେଶ କୁମାର, ଏସ୍.କେ. ଅଗ୍ନିହୋତ୍ରୀ ଏବଂ ସୁଶ୍ରୀ ମ୍ରିଦୁଲା ଅଗ୍ରୱାଲ ।

ଉତ୍ତରଦାତାଙ୍କ ପକ୍ଷରୁ ଏମ୍.ଏନ୍. କ୍ରିଷ୍ଣମଣି, ମଧୁସୂଦନ ବାବୁ, ସିହ୍ନା ଏବଂ ଦାସଙ୍କ ପାଇଁ (ପି. କେ. ସିଂହ) ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାମାନଙ୍କ ଯୁକ୍ତି ଶୁଣିଛୁ ।

ଏମ୍.ଏ. ସଂଖ୍ୟା 7/1992 ରେ ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ 7.5.93 ତାରିଖର ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ କରାଯାଇଛି ।ସ୍ୱୀକୃତ ସ୍ଥିତି ଏହା ଯେ, ଉତ୍ତରଦାତା ଉଚ୍ଚ ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ସେ ଜଣେ ଅଧ୍ୟାପକ ଭାବରେ ମାନ୍ୟତା ଦାବି କରିଥିଲେ । ସେହି ଅନୁରୋଧ ମାର୍ଚ୍ଚ 3, 1962 ତାରିଖର କାର୍ଯ୍ୟାନୁଷ୍ଠାନ ଦ୍ୱାରା ସ୍ୱୀକୃତ ହୋଇଥିଲା କିନ୍ତୁ ସେଥିରେ ନିଷ୍ପତ୍ତି ନିଆଯାଇଥିଲା ଯେ "କାର୍ଯ୍ୟ ନାହିଁ ତ ଦରମା ନାହିଁ" ନୀତି ଆଧାରରେ ସେ ଦରମା ପାଇବାକୁ ହକଦାର ନଥିଲେ । 1983 ମସିହାରେ ତାଙ୍କ ଅବସର ପରେ, ଏକ ଦୀର୍ଘ ବିଳମ୍ବ ପରେ, ଉତ୍ତରଦାତା 1962 ମସିହାରୁ କାଳ୍ପନିକ ପଦୋନ୍ନତି ଆଦେଶର ତାରିଖ ଅର୍ଥାତ୍ ଜାନୁଆରୀ 21, 1983 ପର୍ଯ୍ୟନ୍ତ ସମସ୍ତ ବକେୟା ଦାବି କରି ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାୟର କରିଥିଲେ । ଏହାର ପୁନର୍ଗଠନ ପରେ ଆଜ୍ଞାଦେଶ ଆବେଦନଟି ପ୍ରଶାସନିକ ନ୍ୟାୟାଧିକରଣକୁ ସ୍ଥାନାନ୍ତରିତ ହୋଇଥିଲା । ପ୍ରାରମ୍ଭରେ, ନ୍ୟାୟାଧିକରଣ ଡିସେମ୍ବର 27, 1991 ତାରିଖର ଆଦେଶ ଦ୍ୱାରା ଏହି ଆଧାରରେ ଆଜ୍ଞାଦେଶ ଆବେଦନଟିକୁ ଖାରଜ କରିଥିଲେ ଯେ ଦାବିଟି ଅତ୍ୟଧିକ ବିଳମ୍ବିତ ଥିଲା । ପରବର୍ତ୍ତୀ ସମୟରେ, ଉପରୋକ୍ତ ପୁନର୍ବିଚାର ଆବେଦନ ଦାୟର କରାଯାଇଥିଲା ଯାହା ଗୁଣବତ୍ତା ଭିତ୍ତିରେ ମଞ୍ଜୁର ହୋଇଥିଲା । ଏହିପରି ଭାବେ, ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲ କରାଯାଇଛି ।

ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ ଦାବିଟି ପ୍ରଥମ ପର୍ଯ୍ୟାୟରେ ଗୁଣବତ୍ତା ଭିତ୍ତିରେ ନିଷ୍ପତ୍ତି ହୋଇନଥିଲା, ଏହା ପ୍ରତୀୟମାନ ହୁଏ ଯେ ଯଦି ନ୍ୟାୟାଧିକରଣ ଅନୁଭବ କଲେ ଯେ ପୂର୍ବ ଆଦେଶ ସଠିକ୍ ନଥିଲା, ତେବେ ରାଜ୍ୟକୁ ଏହି ପ୍ରଶ୍ନଗୁଡ଼ିକ ଉପରେ ସୁଯୋଗ ଦେଇ ଗୁଣବତ୍ତା ଭିତ୍ତିରେ ବିଚାର କରିବା ଉଚିତ ଥିଲା ଯେ ଉତ୍ତରଦାତା ବକେୟା ପାଇବାକୁ ହକଦାର କି ନୁହଁନ୍ତି, ସେ ସମାନ ଦାୟିତ୍ୱ ନିର୍ବାହ କରିଥିଲେ କି ନାହିଁ ଏବଂ ଅନ୍ୟାନ୍ୟ ମାମଲାଗୁଡ଼ିକ ମଧ୍ୟ ଉତ୍ତରଦାତାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବ କି ନାହିଁ । ଯେହେତୁ ଅପିଲ ଶୁଣାଣି ସମୟରେ ଏହି ପ୍ରଶ୍ନଗୁଡ଼ିକର ସଠିକ୍ ଦୃଷ୍ଟିକୋଣରୁ ବିଚାର କରାଯାଇ ନାହିଁ, ଆମେ ମନେ କରୁଛୁ ଯେ ନ୍ୟାୟାଧିକରଣ ଏହି ମାମଲାର ନୂତନ ଭାବେ ବିଚାର କରିବା ଆବଶ୍ୟକ । ଆମେ ମାମଲାର ଗଭୀରକୁ ଯିବାକୁ କିମ୍ବା ଗୁଣବତ୍ତା ଉପରେ କୌଣସି ମତ ପ୍ରକାଶ କରିବାକୁ ଚାହୁଁନାହୁଁ ।

ତଦନୁସାରେ ଅପିଲଟିକୁ ମଞ୍ଜୁର କରାଗଲା । ନ୍ୟାୟାଧିକରଣଙ୍କ ଆଦେଶକୁ ବାତିଲ କରାଗଲା । ଏହି ଆଦେଶ ପ୍ରାପ୍ତିର ଛଅ ମାସ ମଧ୍ୟରେ ଗୁଣବତ୍ତା ଭିତ୍ତିରେ ମାମଲାର ଫଏସଲା କରିବାକୁ ନ୍ୟାୟାଧିକରଣଙ୍କୁ ନିର୍ଦ୍ଦେଶ ଦିଆଗଲା । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍. ଅପିଲ ମଞ୍ଜୁର ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**